# NATIONAL NEWS BULLETIN (ODIA)

**3 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- କୃଷକମାନଙ୍କ ଜୀବନରେ ଉନ୍ନତି ଆଣିବା ନିମନ୍ତେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି – କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଚଳିତବର୍ଷ ରେକର୍ଡ ସଂଖ୍ୟକ ୭ କୋଟିରୁ ଅଧିକ ଆୟକର ଦାତା ଆଇଟିଆର ଦାଖଲ କରିଥିବା ସୂଚନା
- ଦୁଇସପ୍ତାହର ବ୍ୟବଧାନ ପରେ ପୁଣି ବାଂଲାଦେଶରେ ସଂରକ୍ଷଣ ବିରୋଧୀ ପ୍ରଦର୍ଶନ ଆରମ୍ଭ

– ହିଂସାକାଣ୍ଡରେ ୩୨ ଶିଶୁଙ୍କ ପ୍ରାଣହାନୀ ନେଇ ୟୁନିସେଫର ଉଦ୍‌ବେଗ

- ପ୍ୟାରିସ୍ ଅଲମ୍ପିକ୍ସର ଆଜି ଅଷ୍ଟମ ଦିନରେ ୫ଟି ବିଭାଗରେ ଅବତୀର୍ଣ୍ଣ ହେବେ ଭାରତୀୟ କ୍ରୀଡ଼ାବିତ୍

– ତୃତୀୟ ପଦକ ହାସଲ ନେଇ ମନୁ ଭାକରଙ୍କ ଉପରେ ଦେଶବାସୀଙ୍କ ନଜର

ଏବଂ

- କେରଳ ୱାୟନାଡରେ ଭୂସ୍ଖଳନ ଘଟଣାରେ ମୃତଦେହ ସନ୍ଧାନ ଲାଗି ସେନା ପକ୍ଷରୁ ଉଦ୍ୟମ ଆରମ୍ଭ ।

---

# ପିଏମ୍-ଏଗ୍ରିକଲ୍ଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ ଏକ ଖାଦ୍ୟ ବଳକା ଦେଶ ଏବଂ ବିଶ୍ୱ ଖାଦ୍ୟ ସୁରକ୍ଷା ତଥା ପୁଷ୍ଟି ସାଧନ ସୁରକ୍ଷା ଓ ସମାଧାନ ପ୍ରଦାନ କରିବାରେ ନିୟୋଜିତ ରହିଛି । ସେ କହିଥିଲେ କୃଷକମାନଙ୍କ ଜୀବନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ସଂସ୍କାର ଏବଂ ବହୁବିଧ ପଦକ୍ଷେପ ସହିତ ସରକାର କୃଷିକ୍ଷେତ୍ରକୁ ସୁଦୃଢ଼ କରୁଛନ୍ତି ।

ନୂଆଦିଲ୍ଲୀରେ କୃଷି ଅର୍ଥନୀତିଜ୍ଞମାନଙ୍କ ୩୨ତମ ଆନ୍ତର୍ଜାତିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି କୃଷି ହେଉଛି ସରକାରଙ୍କର ଅର୍ଥନୈତିକ ନୀତିର କେନ୍ଦ୍ରବିନ୍ଦୁ । ଭାରତ ହେଉଛି ବାଜରା, କ୍ଷୀର, ଡାଲି ଏବଂ ମସଲାର ସର୍ବବୃହତ କେନ୍ଦ୍ର ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ରାସାୟନିକ ମୁକ୍ତ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ପ୍ରଦାନ କରୁଛି । କେନ୍ଦ୍ର ବଜେଟ୍‌ରେ ସ୍ଥାୟୀ କୃଷି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଶ୍ରୀ ମୋଦୀ କହିଥିଲେ ଯେ ଗତ ୧୦ବର୍ଷ ମଧ୍ୟରେ ସରକାର ୧ ହଜାର ୯୦୦ ନୂତନ ଜଳବାୟୁ ଅନୁକୂଳ ଶସ୍ୟ କିସମ ଯୋଗାଇ ଦେଇଛନ୍ତି । ଭାରତ କୃଷିକ୍ଷେତ୍ରରେ ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରୁଛି । ପି.ଏମ୍. କିଷାନ ସମ୍ମାନ ନିଧି ଅଧୀନରେ ଗୋଟିଏ କ୍ଲିକ୍‌ରେ ୧୦ କୋଟି କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପାଣ୍ଠି ହସ୍ତାନ୍ତର କରାଯାଉଛି ।

ଏହି ସମ୍ମିଳନୀରେ ୭୫ଟି ଦେଶର ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶ ଗ୍ରହଣ କରୁଛନ୍ତି ।

# ଇନ୍‌କମ୍ ଟ୍ୟାକ୍ସ ରିଟର୍ଣ୍ଣ

ଚଳିତବର୍ଷ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଆକଳନ ବର୍ଷ ୨୦୨୪-୨୫ ପାଇଁ ରେକର୍ଡ ସଂଖ୍ୟକ ୭ କୋଟି ୨୮ଲକ୍ଷ ଆୟକର ରିଟର୍ଣ୍ଣ - ଆଇଟିଆର୍ ଦାଖଲ କରାଯାଇଛି । ଏହା ଗତବର୍ଷ ଜୁଲାଇ ୩୧ ପର୍ଯ୍ୟନ୍ତ ଦାଖଲ ହୋଇଥିବା ଆକଳନ ବର୍ଷ ୨୦୨୩-୨୪ ପାଇଁ ମୋଟ୍ ଆଇଟିଆର ତୁଳନାରେ ୭ ଦଶମିକ ୫ ପ୍ରତିଶତ ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି । ବିଶେଷକରି ବର୍ଦ୍ଧିତ ସଂଖ୍ୟକ ଟିକସଦାତା ଚଳିତବର୍ଷର ନୂତନ ଟିକସ ବ୍ୟବସ୍ଥାକୁ ବାଛିଛନ୍ତି । ମୂଲ୍ୟାଙ୍କନ ବର୍ଷ ପାଇଁ ଦାଖଲ ହୋଇଥିବା ମୋଟ୍ ୭ କୋଟି ୨୮ ଲକ୍ଷ ଆଇଟିଆର ମଧ୍ୟରୁ ୫ କୋଟି ୨୭ ଲକ୍ଷ ନୂଆ ଟିକସ ବ୍ୟବସ୍ଥାରେ ଦାଖଲ କରାଯାଇଥିବା ବେଳେ ପୁରୁଣା ଟିକସ ବ୍ୟବସ୍ଥାରେ ୨ କୋଟି ୨୧ ଲକ୍ଷ ଆଇଟିଆର ଦାଖଲ କରାଯାଇଛି । ପ୍ରାୟ ୭୨ ପ୍ରତିଶତ ଟିକସଦାତା ନୂତନ ଟିକସ ବ୍ୟବସ୍ଥାକୁ ପସନ୍ଦ କରିଥିବା ବେଳେ ୨୮ ପ୍ରତିଶତ ପୁରୁଣା ଟିକସ ବ୍ୟବସ୍ଥାରେ ରହିଛନ୍ତି । ଚଳିତବର୍ଷ ଜୁଲାଇ ୩୧ ତାରିଖ ଗୋଟିଏ ଦିନରେ ଆଇଟିଆର ଦାଖଲ ସର୍ବାଧିକ ସ୍ତରରେ ପହଞ୍ଚିଥିଲା ଏବଂ ଗୋଟିଏ ବର୍ଷରେ ୧ଲକ୍ଷରୁ ଅଧିକ ଆଇଟିଆର ଦାଖଲ କରାଯାଇଥିଲା ।

---

# ୟୁନିସେଫ୍-ବାଂଲାଦେଶ

ବାଂଲାଦେଶରେ ଗତମାସରେ ଘଟିଥିବା ହିଂସାକାଣ୍ଡରେ ଅତିକମ୍‌ରେ ୩୨ ଜଣ ଶିଶୁଙ୍କର ପ୍ରାଣହାନୀ ଘଟିଛି । ହିଂସାକାଣ୍ଡରେ ଅନେକ ଶିଶୁ ଗିରଫ ଏବଂ ଅଟକ ରହିଥିବା ଘଟଣାରେ ୟୁନିସେଫ୍ ଗଭୀର ଉଦ୍‌ବେଗ ପ୍ରକାଶ

କରିଛି । ସେଠାରେ ପିଲାମାନଙ୍କ ଉପରେ ଅନ୍ୟାୟ ହେଉଛି ବୋଲି ୟୁନିସେଫ୍ ଦକ୍ଷିଣ ଏସିଆର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଓ୍ୱି ଜେସେକରା କହିଛନ୍ତି । ସେ ବାଂଲାଦେଶରେ ଏକସପ୍ତାହ  ରହି ଫେରିବା ପରେ ଏହା ପ୍ରକାଶ କରିଛନ୍ତି । ଶିଶୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ସେ ଗଭୀର ଭାବେ ଚିନ୍ତିତ ଥିବା କହିଛନ୍ତି । ସେ କହିଛନ୍ତି ୟୁନିସେଫ୍ ସମସ୍ତ ପ୍ରକାର ହିଂସାକାଣ୍ଡକୁ ନିନ୍ଦା କରେ । ତେବେ ପିଲାମାନଙ୍କୁ ସବୁ ସମୟରେ ସୁରକ୍ଷା ଦିଆଯିବା ଆବଶ୍ୟକ । ଏହା ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଛନ୍ତି ।

# ଏସ୍‌ସି-ଲୋକଅଦାଲତ

ସୁପ୍ରିମକୋର୍ଟଙ୍କ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଲୋକଅଦାଲତର ଆଜି ଅନ୍ତିମ ଦିବସ । ଏହାର ଉଦ୍ଦେଶ୍ୟ ହେଉଛି ଦେଶର ନାଗରିକମାନଙ୍କୁ ଯଥାସମ୍ଭବ ତ୍ୱରିତ ନ୍ୟାୟ ପ୍ରଦାନ କରିବା । ସର୍ବୋଚ୍ଚ ନ୍ୟାୟାଳୟ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ସ୍ୱତନ୍ତ୍ର ଲୋକଅଦାଲତ  ଆୟୋଜିତ ହୋଇଛି । ଏଥିରେ ଅତି ସୁବିଧାରେ ଲୋକମାନଙ୍କୁ ନ୍ୟାୟ ମିଳିପାରୁଛି । ଆୟୋଜିତ ସମାରୋହରେ କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି ଏହି ଲୋକଅଦାଲତରେ ୧ ହଜାରରୁ ଅଧିକ ମାମଲାର ସମାଧାନ କରାଯାଇଛି । ଜମିଜମା, ଦେୱାନୀ ଏବଂ ବୈବାହିକ ମାମଲା ଗୁଡ଼ିକର ସମାଧାନ କରାଯିବା ସହ ମଧ୍ୟସ୍ଥତା ମାଧ୍ୟମରେ ମାମଲାର ସମାଧାନକୁ ଗୁରୁତ୍ୱ ଦିଆଯାଇଥିବା ଶ୍ରୀ ମେଘୱାଲ କହିଛନ୍ତି ।

# ୟୁଏସ୍-କମଳା ହାରିସ୍

ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଉପରାଷ୍ଟ୍ରପତି କମଳା ହାରିସ୍  ନିଜ ଡେମୋକ୍ରାଟିକ୍ ଦଳର ସମର୍ଥନ ହାସଲ କରିଛନ୍ତି । ଡେମୋକ୍ରାଟିକ୍ ନ୍ୟାଶନାଲ୍ କମିଟିର ଅଧ୍ୟକ୍ଷ ଜେମି ହାରିସନ୍ କହିଛନ୍ତି ଯେ ସୁଶ୍ରୀ ହାରିସ୍ ରାଷ୍ଟ୍ରପତି ପଦ ପାଇଁ ଦଳର ନାମାଙ୍କନ ଜିତିବା ପାଇଁ ଡେମୋକ୍ରାଟିକ୍ ପ୍ରତିନିଧିଙ୍କ ଠାରୁ ପର୍ଯ୍ୟାପ୍ତ ଭୋଟ୍ ଜିତିଛନ୍ତି। ୨ହଜାର ୩୫୦ ଜଣ ପ୍ରତିନିଧିଙ୍କ ସମର୍ଥନ ହାସଲ କରିବା ପରେ ସେ ଆଜି ଆନୁଷ୍ଠାନିକ ଭାବେ ମନୋନୀତ ହୋଇଛନ୍ତି । ଗତମାସରେ ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ପଦ ପାଇଁ ଓହରି ଗଲା ପରେ ତାଙ୍କୁ ବାଇଡେନ୍ ସମର୍ଥନ କରିଛନ୍ତି । ସୁଶ୍ରୀ ହାରିସ୍ ଭର୍ଚୁଆଲ୍ ରୋଲ୍ କଲ୍‌ରେ ନିର୍ଦ୍ୱନ୍ଦ୍ୱରେ ଆଗରେ ଅଛନ୍ତି ।

ଆମେରିକାର ରାଷ୍ଟ୍ରପତି ପଦ ପାଇଁ ସମ୍ଭାବ୍ୟ ଡେମୋକ୍ରାଟିକ୍ ପ୍ରାର୍ଥୀ ହୋଇଥିବାରୁ ସୁଶ୍ରୀ ହାରିସ୍ ଗର୍ବିତ ବୋଲି କହିଛନ୍ତି । ପ୍ରାୟ ୪ ହଜାର ଦଳୀୟ ସମ୍ମିଳନୀ ପ୍ରତିନିଧିଙ୍କ ୫ ଦିନିଆ ଇଲେକ୍‌ଟ୍ରୋନିକ୍ ଭୋଟ୍ ପାଇଁ ବାଲଟ୍‌ରେ କମଳା ହାରିସ୍ ଏକମାତ୍ର ପ୍ରାର୍ଥୀ ଥିଲେ । ଚଳିତମାସ ଶେଷରେ ଚିକାଗୋ ସମ୍ମିଳନୀରେ ତାଙ୍କୁ ଆନୁଷ୍ଠାନିକ ଭାବେ ମୁକୁଟ ପିନ୍ଧାଯିବ ।

---

# ବାଂଲାଦେଶ ପ୍ରୋଟେଷ୍ଟ

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ପ୍ରଦର୍ଶନକାରୀମାନେ ଗତମାସରେ ଘଟିଥିବା ହତ୍ୟାକାଣ୍ଡ ଏବଂ ସେମାନଙ୍କର ୯ ଦଫା ଦାବି ପୂରଣ ନେଇ ଚାପ ସୃଷ୍ଟି କରିବା ନିମନ୍ତେ ଆସନ୍ତାକାଲିଠାରୁ ଦେଶବ୍ୟାପୀ

ଅସହଯୋଗ ଆନ୍ଦୋଳନ କରିବେ । ଆଜି ସେଠାକାର କେତେକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିବା ସୂଚନା ମିଳିଛି । ଆନ୍ଦୋଳନର ନେତୃତ୍ୱ ନେଉଥିବା ଛାତ୍ର ସଂଗଠନର ୨ଜଣ ସଂଗଠକ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଅସହଯୋଗ ଆନ୍ଦୋଳନ ବିଷୟ ପ୍ରକାଶ କରିଛନ୍ତି । ଜୁଲାଇ ପ୍ରଥମରୁ ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଆରମ୍ଭ ହେବା ଏବଂ ମାସଶେଷ ଆଡ଼କୁ ସେଠାକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରତିବନ୍ଧକ ଜାରି ହେବା ପରେ ପ୍ରଦର୍ଶନ ପ୍ରଶମିତ ହୋଇଥିଲା ।

ତେବେ ପୁଣି ଦୁଇ ସପ୍ତାହ ପରେ ହିଂସାତ୍ମକ ପ୍ରଦର୍ଶନ ଆରମ୍ଭ ହୋଇଛି । ସେଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି । ସେଠାକାର ସୁରକ୍ଷା ସଂସ୍ଥା ଏବଂ ବିଭିନ୍ନ ସଂଗଠନର ସଦସ୍ୟମାନଙ୍କ ମଧ୍ୟରେ ଅନେକ ଗୁଡ଼ିଏ ସ୍ଥାନରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି ।

ଇତିମଧ୍ୟରେ ସଂରକ୍ଷଣ ଆନ୍ଦୋଳନ ସଂପର୍କରେ ସମ୍ବାଦ ସଂଗ୍ରହ କରୁଥିବା ସମୟରେ ୨ ଜଣ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ହତ୍ୟା ସହ ଜଡ଼ିତ ଲୋକମାନଙ୍କୁ ଦଣ୍ଡବିଧାନ କରିବା ଲାଗି ସାମ୍ବାଦିକ ସଂଘ ପକ୍ଷରୁ ସରକାରଙ୍କୁ ୪୮ ଘଣ୍ଟିଆ ମହଲତ ଦିଆଯାଇଛି । ତେବେ ଗତକାଲି ଶାସକ ଆୱାମି ଲିଗ୍ ର ମହାସଚିବ ତଥା ସଡ଼କ ପରିବହନ ମନ୍ତ୍ରୀ ଅବଦୁଲ କାଦର୍ ଛାତ୍ରଛାତ୍ରୀମାନଙ୍କୁ ହଇରାଣ ନ କରିବା ଲାଗି ଏବଂ ଗିରଫ ନ କରିବା ଲାଗି ସୁରକ୍ଷାକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ୟୁଏସ୍-୯/୧୧ କନ୍‌ଭିକ୍ଟ

ଆମେରିକାର ପ୍ରତିରକ୍ଷା ସଚିବ ଲର୍ଡ ଅଷ୍ଟିନ୍ ୯/୧୧ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଏବଂ ତା'ର ୨ ସହଯୋଗୀଙ୍କ ଆବେଦନପତ୍ରକୁ ରଦ୍ଦ କରିଛନ୍ତି । ଏହି ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଖାଲିଦ୍ ଶେଖ୍ ମହମ୍ମଦ ଏବଂ ଦୁଇ ସହଯୋଗୀ ଓ୍ୱାଲିଦ୍ ବିନ୍ ଅତାସ୍ ଏବଂ ମୁସ୍ତଫା ଅଲ୍ ହସାବିଙ୍କ ସହ ବୁଝାମଣା କରିବା ନେଇ ହୋଇଥିବା ଘୋଷଣାନାମାକୁ ପ୍ରତିରକ୍ଷା ସଚିବ ରଦ୍ଦ କରିଥିବା ଜଣାପଡ଼ିଛି ।

ଆମେରିକାର ଅଧିକାରୀମାନେ ଅଲ୍‌କାଏଦା ଆକ୍ରମଣରେ ମୃତ୍ୟୁବରଣ କରିଥିବା ୩ ହଜାର ଲୋକଙ୍କ ପରିବାରକୁ ପତ୍ର ଲେଖିଥିଲେ, ଯେଉଁଥିରେ ୯/୧୧ ଆକ୍ରମଣର ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଭୋଗିବା ବିଷୟ ଅବଗତ କରାଯାଇଥିଲା । ଆକ୍ରମଣରେ ପୀଡ଼ିତ କେତେକ ପରିବାର ପକ୍ଷରୁ ସମ୍ଭାବିତ ମୃତ୍ୟୁଦଣ୍ଡ ନେଇ ଅପେକ୍ଷା ନ କରି ଏଭଳି ବୁଝାମଣାକୁ ନିନ୍ଦା କରିଛନ୍ତି ।

---

## ପ୍ୟାରିସ୍ ଅଲମ୍ପିକ୍ସ

ପ୍ୟାରିସ୍ ଅଲମ୍ପିକ୍ସର ଆଜି ଅଷ୍ଟମ ଦିନରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ବନ୍ଧୁକ ଚାଳନା, ତୀରନ୍ଦାଜୀ, ମୁଷ୍ଟିଯୋଦ୍ଧା, ନୌକାଚାଳନା ଏବଂ ଗଲ୍‌ଫ ପ୍ରତିଯୋଗିତାରେ ପ୍ରଦର୍ଶନ କରିବେ । ବନ୍ଧୁକ ଚାଳନାରେ ଦୁଇଟି ପଦକ ବିଜେତା ମନୁ ଭାକର ଆଜି ତୃତୀୟ ପଦକ ହାସଲ କରିବା ନିମନ୍ତେ ୨୫ ମିଟର ବନ୍ଧୁକ ଚାଳନାର ଫାଇନାଲ୍ ପର୍ଯ୍ୟାୟରେ ଖେଳିବେ । ସେହିପରି ତୀରନ୍ଦାଜୀରେ ଆଉ କିଛି ସମୟ ପରେ ବ୍ୟକ୍ତିଗତ ପର୍ଯ୍ୟାୟରେ ପ୍ରି କ୍ୱାର୍ଟର

ଫାଇନାଲ୍‌ରେ ଦୀପିକା କୁମାରୀ ଜର୍ମାନୀର ମିସେଲ୍ କ୍ରୋ ପେନ୍ ଏବଂ ଭଜନ କୌର ଇଣ୍ଡୋନେସିଆର ଡାୟନନ୍ଦା ଚୋଡ଼ରୁନିସାଙ୍କ ସହ ମୁକାବିଲା କରିବେ । ମୁଷ୍ଟିଯୋଦ୍ଧାରେ ଆଜି ରାତିରେ ୭୧ କିଲୋଗ୍ରାମ ବର୍ଗରେ କ୍ୱାର୍ଟର ଫାଇନାଲ୍‌ରେ ଭାରତର ନିଶାନ୍ତ ଦେବ ମେକ୍ସିକୋର ମାର୍କୋ ଅଲୋସୋ ଙ୍କ ସହ ମୁକାବିଲା କରିବେ । ରାତି ୧୨ଟା ୨୦ ମିନିଟ୍‌ରେ ଏହି ମ୍ୟାଚ୍ ଆୟୋଜିତ ହେବ । ଗଲ୍‌ଫରେ ଶୁଭଙ୍କର ବର୍ମା ଏବଂ ଗଗନଜିତ ଭୁଲର୍ ତୃତୀୟ ପର୍ଯ୍ୟାୟରେ ଅବତୀର୍ଣ୍ଣ ହେବେ । ନୌକା ଚାଳନାରେ ଅପରାହ୍ଣ ୩ଟା ୩୫ରେ ନେଥରା କୁମାନନ ଏବଂ ବିଷ୍ଣୁ ଶରବନନ ପ୍ରତିଦ୍ୱନ୍ଦିତା କରିବେ ।

---

## କେରଳ ଓ୍ୱାୟନାଡ

କେରଳ ଓ୍ୱାୟନାଡରେ ଭୀଷଣ ଭୂସ୍ଖଳନ ପରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ସେନା ପକ୍ଷରୁ ଉଦ୍ୟମ ଜାରି ରହିଛି । ଭାରତୀୟ ସେନା ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଡିଡିଆରଏଫ୍ ଏବଂ ଅନ୍ୟ ସଂସ୍ଥାଗୁଡ଼ିକ ଦ୍ୱାରା ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ମୃତଦେହ ସନ୍ଧାନ କରାଯାଉଛି । ତେବେ କେରଳ ସରକାରଙ୍କ ଅନୁରୋଧ ପରେ ଆଜି ଭୂସ୍ଖଳନ ଅଞ୍ଚଳରେ ଗଭୀର ମାଟି ମଧ୍ୟରେ ପୋତି ହୋଇ ରହିଥିବା ମୃତଦେହ ଗୁଡ଼ିକୁ ଠାବ କରିବା ଲାଗି ଆକାଶମାର୍ଗରୁ ଜେବର୍ ରାଡାର୍ ଏବଂ ୪ଟି ରେକୋ ରାଡାର୍ ବ୍ୟବହାର କରାଯିବ । ମୁଖ୍ୟତଃ ଆଜି ସେନା ପକ୍ଷରୁ ମୃତଦେହ ସନ୍ଧାନ କରିବା ଏବଂ ଜରୁରୀ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି ।

---